The Odisha Gazette

EXTRAORDINARY
PUBLISHED BY AUTHORITY

No.1204, CUTTACK, THURSDAY, JULY 19, 2018 / ASADHA 28, 1940

## HOUSING & URBAN DEVELOPMENT DEPARTMENT

NOTIFICATION

The 18th July, 2018

**S.R.O. No.285**/2018— The following draft of certain rules which the State Government propose to make in exercise of the powers conferred by Section 387 of the Odisha Municipal Act, 1950 (Odisha Act 23 of 1950) further to amend the Odisha Municipal Rules, 1953 is hereby published as required by Section 392 of the said Act for information of all persons likely to be affected thereby and the notice is hereby given that the said draft will be taken into consideration by the State Government on or after the expiry of a period of thirty days from the date of publication of this notification in the *Odisha Gazette;*

Any objection or suggestion which may be received by the Commissioner-*cum*-Secretary to Government, Housing & Urban Development Department from any person in respect of the said draft before expiry of the period so specified will be considered by the State Government.

### DRAFT

**1.** *(1)* These rules may be called the Odisha Municipal (Amendment) Rules,2018.

(2) They shall come into force on the date of their publication in the *Odisha Gazette*.

**2.** In the Odisha Municipal Rules, 1953, after rule 64A, the following rule shall be inserted, namely:—

" **64B. Manner of voting at meeting of no-confidence motion.**— *(1)* Every Political Party, whose member as an elected Councillor cast a vote in a meeting of no-confidence motion against the Chairperson or the Vice Chairperson, as the case may be, may appoint an authorised agent and the President, General Secretary or any person authorised by the State Level Political Party or State Unit of the National Political Party shall, in writing , inform the same to the Presiding Officer, with full details of the

authorised agent, proposed to be engaged for the said meeting prior to the scheduled date of the meeting.

*(2)* The Presiding Officer shall issue the ballot papers to all elected Councillors mentioning the serial number thereon as reflected in a register specifically prepared for the purpose with proper acknowledgement to cast his vote.

*(3)* The Presiding Officer shall , when an elected Councillor being a member of a political party records his vote on the ballot paper and before such Councillor inserts that ballot paper into the ballot box, allow the authorised agent of that political party to verify as to whom such Councillor has cast his vote."

[No.18906– HUD-13-LEGIS-67-POLICY-15-16/2018/HUD.]

By Order of the Governor

G. MATHI VATHANAN

Commissioner-*cum*-Secretary to Government

# ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗ

## ଅଧିସୂଚନା

ତା.୧୮.୦୭.୨୦୧୮

**ଏସ୍.ଆର୍.ଓ. ସଂଖ୍ୟା-285**/2018—ଓଡିଶା ପୌର ଅଧିନିୟମ,1950 ( 1950 ର ଓଡିଶା ଅଧିନିୟମ, 23) ର ଧାରା 387 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ଓଡିଶା ପୌର ନିୟାମବଳୀ, 1953 କୁ ଅଧିକତର ସଂଶୋଧନ କରିବା ସକାଶେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବ କରାଯାଇ ଉକ୍ତ ଅଧିନିୟମର ଧାରା 392 ଦ୍ୱାରା ଆବଶ୍ୟକ ହେବା ମତେ ନିମ୍ନଲିଖିତ ଚିଠା ନିୟମାବଳୀଟିକୁ ତଦ୍ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଯାଉଛି ଏବଂ ଏତଦ୍ଦ୍ୱାରା ନୋଟିସ୍ ଦିଆଯାଉଛି କି, ଏହି ଅଧିସୂଚନାଟି *ଓଡିଶା ଗେଜେଟ୍*ରେ ପ୍ରକାଶିତ ହେବା ତାରିଖ ଠାରୁ ତିରିଶ ଦିନ ଯେଉଁ ଦିନ ପୂରିବ ସେହି ଦିନ ବା ତାହା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଚିଠାଟି ବିଚାରକୁ ନିଆଯିବ ;

ସେପରି ବିନିର୍ଦ୍ଦିଷ୍ଟ ଅବଧିର ଅବସାନ ପୂର୍ବରୁ ଉକ୍ତ ଚିଠା ସଂକ୍ରାନ୍ତରେ କୌଣସି ବ୍ୟକ୍ତିଙ୍କ ଠାରୁ କମିସନର-*ତଥା*-ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କୁ କୌଣସି ଆପତ୍ତି ବା ପ୍ରସ୍ତାବ ମିଳିଲେ ତାହାକୁ ରାଜ୍ୟ ସରକାର ବିଚାର କରିବେ ।

## ଚିଠା

**1.** *(1)* ଏହି ନିୟାମବଳୀ, ଓଡିଶା ପୌର (ସଂଶୋଧନ) ନିୟମାବଳୀ, 2018 ନାମରେ ଅଭିହିତ ହେବ ।

*(2)* ଏହା *ଓଡିଶା ଗେଜେଟ୍*ରେ ଯେଉଁ ତାରିଖରେ ପ୍ରକାଶିତ ହେବ ସେହି ତାରିଖ ଠାରୁ ବଳବତ୍ତର ହେବ ।

**2.** ଓଡିଶା ପୌର ନିୟମାବଳୀ, 1953 ର ନିୟମ 64 କ ପରେ ନିମ୍ନଲିଖିତ ନିୟମଟି ଅନ୍ତଃସ୍ଥାପିତ ହେବ, ଯଥାଃ —

"64 ଖ. ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ସଂପର୍କିତ ରୀତି.-- *(1)* ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତୀୟ ବୈଠକରେ ମତଦାନ କରୁଥିବା ନିର୍ବାଚିତ ପାରିଷଦ ଯେଉଁ ରାଜନୈତିକ ଦଳର ସଭ୍ୟ ଅଟନ୍ତି, ଉକ୍ତ ରାଜନୈତିକ ଦଳ, ସେ ସମୟରେ ଜଣେ ପ୍ରାଧିକୃତ ଏଜେଣ୍ଟଙ୍କୁ ନିଯୁକ୍ତି କରିପାରିବେ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳ କିମ୍ବା ଜାତୀୟ ରାଜନୈତିକ ଦଳର ରାଜ୍ୟ ଶାଖାର ସଭାପତି କିମ୍ବା ସାଧାରଣ ସମ୍ପାଦକ କିମ୍ବା ଉକ୍ତ ରାଜନୈତିକ ଦଳ ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି କିମ୍ବା ଅଧିକାରୀ ଅନାସ୍ଥା ପ୍ରସ୍ତାବ ସଭା ପାଇଁ ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରସ୍ତାବିତ ପ୍ରାଧିକୃତ ଏଜେଣ୍ଟଙ୍କ ନିୟୋଜନ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟପୀଠାସୀନ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବେ ।

(2) ପୀଠାସୀନ ଅଧିକାରୀ ନିର୍ବାଚିତ ପାରିଷଦଙ୍କ ଠାରୁ ଯଥୋଚିତ ପ୍ରାପ୍ତିସ୍ୱୀକାର ପାଇବାପରେ ସ୍ୱତନ୍ତ୍ରଭାବେ ତିଆରି କରାଯାଇଥିବା ରେଜିଷ୍ଟରରେ ଯେଉଁ ସଂଖ୍ୟା ଉଲ୍ଲେଖ ହୋଇଥିବ ସେହି ସଂଖ୍ୟାକୁ ଭୋଟ୍ କାଗଜ ଉପରେ ପ୍ରତିଫଳିତ କରି ଭୋଟ୍ ଦେବାପାଇଁ ସମସ୍ତ ନିର୍ବାଚିତ ପାରିଷଦଙ୍କୁ ପ୍ରଦାନ କରିବେ ।

(3) ରାଜନୈତିକ ଦଳର ସଭ୍ୟ ଭାବରେ ଜଣେ ନିର୍ବାଚିତ ପାରିଷଦ ଭୋଟ୍ କାଗଜ ଉପରେ ନିଜର ମତ ସାବ୍ୟସ୍ତ କରିବାପରେ ଏବଂ ସେହି ଭୋଟ୍ କାଗଜକୁ ଭୋଟ୍ ବାକ୍ସ ଭିତରେ ଭର୍ତ୍ତି କରିବା ପୂର୍ବରୁ ପୀଠାସୀନ ଅଧିକାରୀ ସେହି ରାଜନୈତିକ ଦଳର ପ୍ରାଧିକୃତ ଏଜେଣ୍ଟଙ୍କୁ ଉକ୍ତ ନିର୍ବାଚିତ ପାରିଷଦ କାହା ସପକ୍ଷରେ ଭୋଟ୍ ଦେଇଛନ୍ତି ତାହା ଯାଞ୍ଚ୍ କରିବା ପାଇଁ ଅନୁମତି ପ୍ରଦାନ କରିବେ ।"

[ସଂଖ୍ୟା-**18906**–ଏଚ୍.ୟୁ.ଡି.-୧୩-ଲେଜିସ୍-୬୭-ପଲିସି-୧୫-୧୬/୨୦୧୮/ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜି. ମାଥି ଭାଥନନ୍

କମିସନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 681-173+10